## କେନ୍ଦ୍ର ସାହିତ୍ୟ ଏକାଡେମୀର 'ଗ୍ରାମାଲୋକ' କାର୍ଯ୍ୟକ୍ରମ

# 'ସାହିତ୍ୟ ସମାଜକୁ ଶୃଙ୍ଖଳା ଓ ସଂସ୍କାର ଶିକ୍ଷା ଦିଏ'

କୁଜଙ୍ଗ, ୨୭।୭(ନି.ପ୍ର) : କରତୁଠାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଭାଗୃହରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ କୁଜଙ୍ଗର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଶିକ୍ଷା ଅନୁଷ୍ଠାନ 'ମେଘମହ୍ଲାର' ମିଳିତ ଆନୁକୂଲ୍ୟରେ 'ଗ୍ରାମାଲୋକ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜକୁ ଶୃଙ୍ଖଳା ଓ ସଂସ୍କାରର ଶିକ୍ଷା ଦିଏ। ଜଗତୀକରଣ ଯୁଗରେ ପ୍ରତିଭା ଉନ୍ମେଷ ଓ ସାହିତ୍ୟର ପ୍ରଭାବ ବିଶ୍ୱ ବ୍ୟାପି ହେଉଥିବାବେଳେ ଆମକୁ ଯୁଗୋପଯୋଗୀ ହୋଇ ସାହିତ୍ୟକୁ ପ୍ରୟୋଗାତ୍ମକ ହେବାକୁ ପଡ଼ିବ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ମେଘମହ୍ଲାରର ସଭାପତି କେଶବଚନ୍ଦ୍ର ଦଳାଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉବ୍ୟ



ଆସରରେ ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୬ ଜଣ ସାହିତ୍ୟିକ ଏକାଡେମୀ ଦ୍ୱାରା ନିମନ୍ତ୍ରିତ ହୋଇ ସ୍ୱଲିଖିତ ଗଳ୍ପ, କବିତା ଓ ଆଲୋଚନା ପାଠ କରିଥିଲେ। ଗାଳ୍ପିକ ଅଧ୍ୟାପକ ସନ୍ତୋଷ ସାମଲ 'ଛୋଟା ସାରଙ୍କ ଚାହାଳୀ', ଦୀପ୍ତି ଖଣ୍ଡୁଆଳ 'ଏତଲାକାରୀ', ନାଟ୍ୟକାର ଡ. ରଘୁନାଥ ସାହୁ 'ଆଇନା', ସାହିତ୍ୟ ଏକାଡେମୀ ପୁରସ୍କୃତ କବି ପୀତାମ୍ବର ତରାଇ 'ରାମଚନ୍ଦ୍ର ମହାନ୍ତିଙ୍କ ରଚନା ସମଗ୍ର' ଆଲୋଚନା, ପ୍ରଭାତୀ ମାଝୀ 'ଅଳକା ସାନ୍ୟାଲ' କବିତା ଓ କେଶବ ଚନ୍ଦ୍ର ଦଳାଇ 'ଓଡ଼ିଆ କାବ୍ୟ କବିତାରେ ମାନବବାଦ' ପ୍ରବନ୍ଧ ପାଠ କରିଥିଲେ। ବିଭୂତି ଭୂଷଣ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଜୟ କୁମାର ଖଟେଇ ଧନ୍ୟବାଦ ଅର୍ପଣ କରିଥିଲେ।

କବି ପ୍ରକାଶ ଦାସଙ୍କ ଅଧ୍ୟକ୍ଷତା ଓ ପ୍ରଭାତୀ ମାଝୀଙ୍କ ସଂଯୋଜନାରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ ମୃତ୍ୟୁଞ୍ଜୟ ଜୟସିଂହ, ରମେଶ ବେହେରା, ଜୟନ୍ତୀ ଦାସ, ଅଞ୍ଜନା ନାୟକ, ଗୌରହରି ବାରିକ, ଆଶିଷ ପରିଡ଼ା, ନାରାୟଣ ନାୟକ, ଜଇରାମ ସାହାଣୀ, ମାନଗୋବିନ୍ଦ ପ୍ରଧାନ, କନକଲତା ବାରିକ, ରବୀନ୍ଦ୍ର ନାଥ ଚୌଧୁରୀ, ସରୋଜିନୀ ମିଶ୍ର, ମମତା ସାହୁ, ଶୁଭେନ୍ଦୁ ଚୌଧୁରୀ, ଗୀତା ଦାସ, ରବୀନ୍ଦ୍ର ଦାସ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।